# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୬୬ (ଓଡ଼ିଆ ବୁଲେଟିନ୍) ସପ୍ତାହ – ୩୩ ତାରିଖ: ୧୮.୦୮.୨୦୨୬


## ପଶ୍ଚିମ କେନ୍ଦ୍ରୀୟ ମାଳଭୂମି ଅଞ୍ଚଳ

## ଜିଲ୍ଲା – ବରଗଡ଼

### ବିଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ତଥ୍ୟ (୧୨.୦୮.୨୦୨୬ ରୁ ୧୮.୦୮.୨୦୨୬)

| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | ବୃଷ୍ଟିପାତ (ମିଲି ମିଟର) |
|---|---|---|
| 32 | 24 | 78.0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୯-୦୮-୨୦୨୬ | ୨୦-୦୮-୨୦୨୬ | ୨୧-୦୮-୨୦୨୬ | ୨୨-୦୮-୨୦୨୬ | ୨୩-୦୮-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 60 | 20 | 15 | 12 | 11 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 28 | 29 | 30 | 30 | 31 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 24 | 24 | 25 | 25 | 25 |
| ମେଘ ଆବରଣ(ଓକଟା) | 8 | 7 | 7 | 8 | 8 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 94 | 93 | 92 | 93 | 90 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 82 | 79 | 75 | 74 | 70 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 14 | 15 | 13 | 12 | 12 |
| ପବନର ଦିଗ (ଡିଗ୍ରୀ) | 260 | 256 | 259 | 258 | 251 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହର ପ୍ରଥମ ଦିନ ଗୋଟେ କିମ୍ବା ଦୁଇଟା ସ୍ଥାନରେ ପ୍ରବଳ ବର୍ଷା ଓ ତା'ପର ଦିନଗୁଡ଼ିକରେ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବା ସହିତ ଆକାଶ ସାଧାରଣତଃ ରୁ ପୂର୍ଣ୍ଣତଃ ମେଘାଚ୍ଛନ୍ନ ରହିବାର ସମ୍ଭାବନା ଅଛି । ଆଗାମୀ ଦିନଗୁଡ଼ିକରେ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ବଡ଼ ପରିବର୍ତ୍ତନ ଦେଖାଯିବାର ସମ୍ଭାବନା ନାହିଁ କିନ୍ତୁ ସର୍ବାଧିକ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଦେଖିବାକୁ ମିଳିପାରେ । ଆସନ୍ତା ପାଞ୍ଚ ଦିନ ମଧ୍ୟରେ ଆପେକ୍ଷିକ ଆର୍ଦ୍ରତା ଅଧିକ ରହିବା ସହିତ ଘଣ୍ଟା ପ୍ରତି ୧୨ ରୁ ୧୫ କି.ମି. ବେଗରେ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ପୂର୍ବାନୁମାନ କରାଯାଇଅଛି ।

### ସାଧାରଣ ଉପଦେଶ

- ପୂର୍ବରୁ ହୋଇଥିବା ବର୍ଷା ଓ ପ୍ରଚଳିତ ବର୍ଷାର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀଭାଇମାନେ ନିଜ ଜମିରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରି ନିଚୁଆ ଜମିରୁ, ବିଶେଷକରି ଧାନ ଓ ଅତ୍ୟଧିକ ଜଳ ପ୍ରତି ସମ୍ବେଦନଶୀଳ ଫସଲରୁ ଅତିରିକ୍ତ ପାଣି ନିଷ୍କାସନ କରନ୍ତୁ । ଜମିରୁ ଅତିରିକ୍ତ ପାଣି ନିଷ୍କାସିତ ହେବା ପରେ ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ରଖି ଜଳସେଚନ ଓ ସାର ପ୍ରୟୋଗ କାର୍ଯ୍ୟ କରନ୍ତୁ । ବର୍ତ୍ତମାନର ମେଘୁଆ ବା ଆର୍ଦ୍ର ପାଣିପାଗରେ ଫସଲରେ କୀଟପୋକ ଓ ରୋଗ, ବିଶେଷକରି କବକ ଜନିତ ରୋଗର ଆକ୍ରମଣକ ପ୍ରତି ନିୟମିତ ଭାବେ ନିରୀକ୍ଷଣ କରନ୍ତୁ ।
- କୃଷକଭାଇମାନେ ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ଏବଂ କୃଷି ପାଣିପାଗ ପରାମର୍ଶ ସମ୍ପର୍କରେ ସଦା ଅବଗତ ରୁହନ୍ତୁ । ଫସଲ ଓ ପଶୁପାଳନ ସମ୍ବନ୍ଧୀୟ ସମସ୍ତ କୃଷି କାର୍ଯ୍ୟ ସଦ୍ୟ ପ୍ରସାରିତ ପାଣିପାଗ ସୂଚନା ଅନୁଯାୟୀ କରନ୍ତୁ ।

### ସଂକ୍ଷିପ୍ତ ଉପଦେଶ

- ବର୍ତ୍ତମାନର ପାଣିପାଗର ସ୍ଥିତି ଫସଲ ଓ ପଶୁମାନଙ୍କ ମଧ୍ୟରେ ବିଭିନ୍ନ ରୋଗର ବଂଶବୃଦ୍ଧି ପାଇଁ ଅନୁକୂଳ ଥିବାରୁ, ରୋଗର ପ୍ରକୋପ ଓ ଆଗକୁ ହେବାକୁଥିବା ଅଧିକ କ୍ଷତିକୁ ରୋକିବା ପାଇଁ ନିୟମିତ ଓ ସଠିକ୍ ଭାବେ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଉଛି ।

| ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ | | |
|---|---|---|
| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
| ବର୍ଷା ଦିନିଆ (ଖରିଫ) ଧାନ | ପିଲ ବାହାରିବା ଅବସ୍ଥା | • ଧାନ କ୍ଷେତରେ ମହିଷା ରୋଗ, ପତ୍ରଚ୍ଛାଦ ପୋଡା ରୋଗ, କାଣ୍ଡ ବିନ୍ଧା ଏବଂ ଲେଡା ପୋକ ଆକ୍ରମଣର ପ୍ରାଦୁର୍ଭାବ ଉପରେ ନଜର ରଖନ୍ତୁ ।<br>• ଧାନ ଫସଲରେ ହଳଦିଆ କାଣ୍ଡବିନ୍ଧା ପୋକ ଓ ପତ୍ରମୋଡ଼ା ପୋକ ର ନିରୀକ୍ଷଣ ପାଇଁ ଏକର ପିଛା ୪–୫ଟି ଫେରୋମୋନ୍ ଟ୍ରାପ୍ ସ୍ଥାପନ କରନ୍ତୁ । ପ୍ରତି ଟ୍ରାପ୍‌ରେ ୪ କିମ୍ବା ୫ଟି ପୁରୁଷ ପୋକ ଧରାପଡ଼ିଲେ, ଆକାଶ ସ୍ୱଚ୍ଛ ଓ ପବନର ଗତି ଶାନ୍ତ ଥିବା ସମୟରେ ଆବଶ୍ୟକ କୀଟନାଶକ ପ୍ରୟୋଗ କରନ୍ତୁ ।<br>• ପିଲ ଅବସ୍ଥାର ଥିବା ଧାନ ଗଛରେ ଖେତରୁ ଅଧିକ ପାଣି ନିଷ୍କାସନ କଲାପରେ ପର୍ଯ୍ୟାପ୍ତ ମାଟିର ଆର୍ଦ୍ରତା ରଖି ସାର ପ୍ରୟୋଗ କାର୍ଯ୍ୟ କରନ୍ତୁ । |
| ଚିନାବାଦାମ | ଅଙ୍ଗିୟ ଅବସ୍ଥା/ ଫୁଲ ଅବସ୍ଥା | • ଚିନାବାଦାମ ଫସଲରେ ପାଣି ଜମି ରହିବା କ୍ଷତିକାରକ ହୋଇଥିବାରୁ କ୍ଷେତରୁ ଅତିରିକ୍ତ ପାଣି ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରନ୍ତୁ ।<br>• ବୁଣିବା ସମୟରେ ଜିପ୍ସମ୍ ପ୍ରୟୋଗ କରିନଥିଲେ, ଫସଲର ପୂର୍ଣ୍ଣ ଫୁଲ ଅବସ୍ଥାରେ ଜିପ୍ସମ୍ ପ୍ରୟୋଗ କରନ୍ତୁ, ଯାହା ଫଳର ବିକାସ ଏବଂ କ୍ୟାଲସିୟମ୍ ଯୋଗାଣରେ ସାହାଯ୍ୟ କରେ ।<br>• ଆସନ୍ତା ଦିନରେ କେତେକ ସ୍ଥାନରେ ଭଲ ବର୍ଷା ହେବାର ସମ୍ଭାବନା ଥିବାରୁ କୃଷକଭାଇମାନଙ୍କୁ ଘାସ ସଫା, ସାର ପ୍ରୟୋଗ, କୋଡ଼ାଖୁସା କିମ୍ବା ମାଟି ଚଢ଼ାଇବା ଆଦି ଅନ୍ତଃଚାଷ କାର୍ଯ୍ୟ କିଛି ଦିନ ପାଇଁ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଉଛି ।<br>• ନିୟମିତ ଭାବରେ ଫସଲକୁ ପତ୍ର ସୁଡ଼ଙ୍ଗ କୀଟ, ଜଉ ପୋକ, ଉକୁଣିଆ ପୋକର ଆକ୍ରମଣ ଏବଂ ପତ୍ର ଦାଗ ରୋଗ (ଟିକ୍କା ରୋଗ), କଲାର ରଟ୍ ଇତ୍ୟାଦି ରୋଗର ସଂକ୍ରମଣ ପ୍ରତି (ବିଶେଷକରି କ୍ରମାଗତ ବର୍ଷା ଓ ଆର୍ଦ୍ର ପରିସ୍ଥିତିରେ) ନଜର ରଖନ୍ତୁ। ଆକ୍ରାନ୍ତ କିମ୍ବା କ୍ଷତିଗ୍ରସ୍ତ ଗଛ ଅଂଶଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରନ୍ତୁ, ଯାହାଦ୍ୱାରା କୀଟ ଓ ରୋଗର ବିସ୍ତାରକୁ ରୋକାଯାଇପାରିବ । |
| ଫଳ ଚାଷ | ଫଳ ଅବସ୍ଥା/ ନୂଆଁ ଗଛର ରୋପଣ | • କିଛି ଦିନ ପାଇଁ ନୂଆ ଫଳ ଗଛ ରୋପଣରୁ ବିରତ ରୁହନ୍ତୁ ।<br>• ବଗିଚାରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରି ଗଛ ଚାରିପାଖରେ ଦୀର୍ଘ ସମୟ ଜଳ ଜମି ରହିବାକୁ ଦିଅନ୍ତୁ ନାହିଁ ।<br>• ପ୍ରଚଳିତ ଆର୍ଦ୍ର ଓ ଓଦା ପାଗ ଯୋଗୁଁ, ଗଛର ଫଳ ଓ ପତ୍ରରେ ଆନ୍ଥ୍ରାକ୍ନୋଜ୍, ଫଳ ପଚା ଓ ପତ୍ର ଦାଗ ରୋଗର ଲକ୍ଷଣ ଦେଖିବାକୁ ମିଳିପାରେ ତେଣୁ ଫଳମାଛି ଓ କବକ ଜନିତ ରୋଗର ଆକ୍ରମଣ ପାଇଁ ନିୟମିତ ନିରୀକ୍ଷଣ କରନ୍ତୁ । ଆକ୍ରାନ୍ତ ଓ ଝଡ଼ିଥିବା ଫଳ ସଂଗ୍ରହ କରି ନଷ୍ଟ କରନ୍ତୁ ।<br>• ଉପଯୁକ୍ତ କାନୋପି ପରିଚାଳନା କରି ଗଛ ଭିତରେ ବାୟୁ ଚଳାଚଳ ଓ ସୂର୍ଯ୍ୟକିରଣର ପ୍ରବେଶକୁ ବୃଦ୍ଧି କରନ୍ତୁ । ଏହାଦ୍ୱାରା ଗଛର କାନୋପି ଭିତରେ ଅତ୍ୟଧିକ ଆର୍ଦ୍ରତା କମାଇବାରେ ସହାୟତା ମିଳିଥାଏ । |
| ପନିପରିବା ଚାଷ | ଫୁଲ ଓ ଫଳ ଅବସ୍ଥା | • କ୍ଷେତରେ ଗଛ ମୂଳ ପାଖରେ ପାଣି ଜମିବାକୁ ଦିଅନ୍ତୁ ନାହିଁ ଏବଂ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।<br>• ସମ୍ଭବ ହେଲେ ଲତାଜାତୀୟ ପନିପରିବାକୁ ବାଉଁଶ କିମ୍ବା ତାର ଟ୍ରେଲିଜ୍ ଯୋଗାଇ ଦିଅନ୍ତୁ, ଯାହାଫଳରେ ଫଳ ମାଟି ସଂସ୍ପର୍ଶରେ ନ ଆସିବ ଏବଂ ରୋଗର ପ୍ରାଦୁର୍ଭାବ କମିଯିବ ।<br>• ଠିଆ ଫସଲକୁ ଆବଶ୍ୟକ ଯାନ୍ତ୍ରିକ ସହାୟତା ପ୍ରଦାନ କରନ୍ତୁ ।<br>• ଫସଲରେ ନିୟମିତ ଭାବରେ ଫଳମାଛି ପୋକର ଆକ୍ରମଣ ଉପରେ ନଜର ରଖନ୍ତୁ ।<br>• ପୋକ ଆକ୍ରାନ୍ତ ଫଳ ଏବଂ ଅନ୍ୟାନ୍ୟ ସଂକ୍ରମିତ ଅଂଶଗୁଡ଼ିକୁ ସଂଗ୍ରହ କରି ନଷ୍ଟ କରି ଦିଅନ୍ତୁ ।<br>• ନାଲି କଖାରୁ ପୋକ, ଜଉ ପୋକ ଏବଂ ଧଳାମାଛିର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ।<br>• କ୍ରମାଗତ ମେଘୁଆ ଓ ବର୍ଷା ପାଗ ଯୋଗୁଁ ଡାଉନି ମିଲଡିଉ, ପାଉଡରି ମିଲଡିଉ (ଚୂର୍ଣ୍ଣିଳ ବା ଧଳା ଗୁଣ୍ଡ ପରି ରୋଗ), ଆନ୍ଥ୍ରାକ୍ନୋଜ୍ ଏବଂ ଫଳ ପଚା ରୋଗର ପ୍ରାଦୁର୍ଭାବ ଦେଖିବାକୁ ମିଳିପାରେ ତେଣୁ ଏହା ପ୍ରତି ନିୟମିତ ନଜର ରଖନ୍ତୁ । |
| ଗେଣ୍ଡୁ ଫୁଲ ଚାଷ | ଅଙ୍ଗିୟ ଅବସ୍ଥା/ ଫୁଲ ଅବସ୍ଥା | • ଗେଣ୍ଡୁ ଫୁଲ ଚାଷ ଜମିରେ ଉପଯୁକ୍ତ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ ଏବଂ ଅତ୍ୟଧିକ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ, କାରଣ ଅଧିକ ଆର୍ଦ୍ରତା ଯୋଗୁଁ ମୂଳ ଓ କାଣ୍ଡ ପଚା ରୋଗ ବୃଦ୍ଧି ପାଇପାରେ ।<br>• ଜମିରେ ଠିକ ସମୟରେ ଅନ୍ତଃଚାଷ କାର୍ଯ୍ୟ କରି ଘାସ ଓ ଅନାବନା ଗଛକୁ ନିୟନ୍ତ୍ରଣରେ ରଖନ୍ତୁ, ଯାହାଦ୍ୱାରା ପୋଷକତତ୍ତ୍ୱ ଓ ମାଟିର ଆର୍ଦ୍ରତା ପାଇଁ ପ୍ରତିସ୍ପର୍ଦ୍ଧା କମିଯିବ ।<br>• ପୂର୍ବଦିନଗୁଡ଼ିକରେ ହୋଇଥିବା ଲଗାତାର ବର୍ଷା ଯୋଗୁଁ ଗେଣ୍ଡୁ ଫୁଲ ଗଛରେ କାଣ୍ଡ ପଚା, ମଉଳା ବା ଝାଉଁଳା ରୋଗ |

| | | |
|---|---|---|
| | | ଓ ପତ୍ର ପଚା ରୋଗ ଦେଖାଦେବାର ସମ୍ଭାବନା ରହିଅଛି । ତେଣୁ ଚାଷୀଭାଇମାନେ ନିୟମିତ ଭାବେ ଗଛଗୁଡ଼ିକୁ ଯାଞ୍ଚ କରନ୍ତୁ । ଅତ୍ୟଧିକ ରୋଗାକ୍ରାନ୍ତ ଗଛର ଅବଶେଷକୁ ବାହାର କରି ନଷ୍ଟ କରି ଦିଅନ୍ତୁ ।<br>• ଗେଣ୍ଡୁ ଫୁଲ ଗଛର କୋମଳ ଡାଳ ଓ ନୂଆ ପତ୍ରରେ ଜଉ ପୋକ, ଲିଫ୍ ହପର୍, ଉକୁଣିଆ ପୋକ ଓ ଅନ୍ୟାନ୍ୟ ଶୋଷକ ପୋକମାନଙ୍କ ଆକ୍ରମଣ ପ୍ରତି ନିୟମିତ ଭାବେ ନିରୀକ୍ଷଣ କରୁଥାନ୍ତୁ । |
| ପଶୁ ପାଳନ | • ବର୍ତ୍ତମାନର ଆର୍ଦ୍ର ଓ ବର୍ଷା ପାଗର ସ୍ଥିତିରେ, କୃଷକମାନଙ୍କୁ ପଶୁ ରହୁଥିବା ଗୁହାଳକୁ ପରିଷ୍କାର, ଶୁଷ୍କ ଓ ଭଲ ବାୟୁ ଚଳାଚଳ ହେଉଥିବା ଅବସ୍ଥାରେ ରଖିବା ସହିତ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି । ପଶୁମାନଙ୍କୁ ପରିଷ୍କାର ପାନୀୟ ଜଳ ଓ ଶୁଷ୍କ ଖାଦ୍ୟ ଯୋଗାଇବା ସହିତ ଜଳବାହିତ, ରୋଗବାହକଜନିତ ଓ ପରଜୀବୀଜନିତ ରୋଗର ଲକ୍ଷଣ ପାଇଁ ନିୟମିତ ଭାବେ ପଶୁମାନଙ୍କୁ ନିରୀକ୍ଷଣ କରନ୍ତୁ । ଅସୁସ୍ଥ ପଶୁମାନଙ୍କୁ ଅନ୍ୟ ପଶୁଙ୍କଠାରୁ ଅଲଗା ରଖି ତୁରନ୍ତ ପଶୁ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ । | |
| କୁକୁଡ଼ା ପାଳନ | • କୁକୁଡ଼ା ଘର ଚାରିପାଖରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରି ଜଳ ଜମିବା ଓ ଅତ୍ୟଧିକ ଆର୍ଦ୍ରତାକୁ ରୋକନ୍ତୁ।<br>• କୁକୁଡ଼ା ଘରକୁ ପରିଷ୍କାର, ଶୁଖିଲା ଓ ଭଲ ବାୟୁ ଚଳାଚଳ ଯୋଗ୍ୟ ରଖନ୍ତୁ । ବର୍ଷା ପାଣି ଓ ଥଣ୍ଡା ପବନ ସିଧାସଳଖ କୁକୁଡ଼ାଙ୍କ ଉପରେ ପଡ଼ିବାକୁ ଦିଅନ୍ତୁ ନାହିଁ । ଲିଟରକୁ ଶୁଖିଲା ରଖନ୍ତୁ; ଆମୋନିଆ ଜମା ହେବା ଓ ରୋଗ ସଂକ୍ରମଣର ଆଶଙ୍କା କମାଇବା ପାଇଁ ଭିଜା କିମ୍ବା ଜମାଟ ବାନ୍ଧିଥିବା ଲିଟରକୁ ତୁରନ୍ତ ବଦଳାଇ ଦିଅନ୍ତୁ ।<br>• କୁକୁଡ଼ା ଖାଦ୍ୟକୁ ଶୁଖିଲା, ଉଚ୍ଚ ଓ ଆବୃତ ସ୍ଥାନରେ ସଂରକ୍ଷଣ କରନ୍ତୁ । ଭିଜା କିମ୍ବା ଛତୁ ଲାଗିଥିବା ଖାଦ୍ୟ କୁକୁଡ଼ାଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ ।<br>• ରାଣୀକ୍ଷେତ ରୋଗ ପ୍ରତି ସତର୍କ ରୁହନ୍ତୁ । କୁକୁଡ଼ା ଘରର ପରିଚ୍ଛନ୍ନତା ଓ ବାୟୁ ଚଳାଚଳ ଠିକ୍ ରଖନ୍ତୁ, ଅତ୍ୟଧିକ ଘନତାରେ କୁକୁଡ଼ା ପାଳନ କରନ୍ତୁ ନାହିଁ ଏବଂ ପଶୁଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ସମୟୋପଯୋଗୀ ଟିକାକରଣ କରନ୍ତୁ । ମୃତ କୁକୁଡ଼ାଙ୍କୁ ସୁରକ୍ଷିତ ଓ ଜୈବ-ସୁରକ୍ଷା ନିୟମ ଅନୁଯାୟୀ ନଷ୍ଟ କରନ୍ତୁ । ମୃତ କୁକୁଡ଼ାଙ୍କ ଶବକୁ କୁକୁଡ଼ା ଘର କିମ୍ବା ଜଳ ଉତ୍ସ ନିକଟରେ ପକାଇ ରଖନ୍ତୁ ନାହିଁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ **ମୌସମ ଆପ** ର ବ୍ୟବହାର କରିପାରିବେ )https://play.google.com/store/apps/details?id=com.imd.masuam(.।